# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1496 CUTTACK, WEDNESDAY, JUNE 28, 2023/ASADHA 7, 1945**

## ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No. 425/23 Dated 16-06-2023

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା - ଡାବୁଗୁଡା, ଥାନା- ମୁଦୁଲିପଡା ନଂ-୩୨, ତହସିଲ- ଖଇରପୁଟ, ଜିଲ୍ଲା-ମାଲକାନଗିରି ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. **୬.୬୯୬ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ( RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୁଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମୀ ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ଵରୁପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ),ପୁର୍ବତଟ ରେଳପଥ କୋରାପୁଟ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ-ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା
୫-ପୂନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ମାଲକାନଗିରି

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୁଚୀତ ଜମିର ରକବା | ରଯ୍ୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

୬-ଜମିର ବିବରଣୀ-

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ଯରୁ **NIL** ସରକାରୀ ସଂରକ୍ଷିତଜମି ପ୍ରତିବଦଳ ପାଇଁ ଉଦ୍ଧିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ଵତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୁଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମାଲକାନଗିରି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ଭୂମି ଅନୁସୂଚୀ**

**ମୌଜା :ଡାବୁଗୁଡା,ଥାନା-ମୁଦୁଲିପଡା ନଂ-୩୨, ତହସିଲ-ଖଇରପୁଟ, ଜିଲ୍ଲା-ମାଲକାନଗିରି**

**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | .ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୮ | ୧.୨୩୬ | ୦.୫୨୬ | ଧାନ-୧ | ସନାଦର ଗୌଡ ପି-ସେମରା ଗୌଡ ଜା-ଗଉଡ ବା-କଦମଗୁଡା ପଡାଗାଁ ରାଉଳିଗୁଡା। |
| ୭ | ୬ | ୦.୭୨୯ | ୦.୫୯୬ | ଡଙ୍ଗର-୨ | ଲକ୍ଷ୍ମଣ ଗୌଡ ପି-ସନୁ ଗୌଡ ଜା-ଗଉଡ ବା-କଦମଗୁଡା ପଡାଗାଁ ରାଉଳିଗୁଡା। |
| | ୭ | ୦.୧୩୫ | ୦.୦୧୩ | ଧାନ-୨ | |
| ୧ | ୪ | ୧.୪୯୫ | ୦.୪୯୧ | ଡଙ୍ଗର-୧ | ଘେନା ଗୌଡ ପି-ଅର୍ଜୁନ ଗୌଡ ଜା-ଗଉଡ ବା-କଦମଗୁଡା ପଡାଗାଁ ରାଉଳିଗୁଡା। |
| ୨୭ | ୧୧/୨ | ୨.୪୭୧ | ୨.୩୨୦ | ଗ୍ରାମ୍ୟ ଜଙ୍ଗଲ | ହରୀ ହନ୍ତାଳ ପି-ଦେବ ହନ୍ତାଳ, ଲଚିମ ଦେଇ ହନ୍ତାଳ ସ୍ୱା-ହନ୍ତାଳ ଜା-ଗୌଡ ବା-କଦମଗୁଡା |
| | ୧୪ | ୨.୪୭୧ | ୧.୮୦୦ | | |
| ୨୫ | ୨୦/୧ | ୪.୪୪୮ | ୦.୭୫୦ | ଗ୍ରାମ୍ୟ ଜଙ୍ଗଲ | ଘେନା ହନ୍ତାଳ ପି-ନରସିଂହ ହନ୍ତାଳ, ରଇଳା ହନ୍ତାଳ |
| ୩୦ | ୨୦/୩ | ୪.୯୪୨ | ୦.୨୦୦ | ଗ୍ରାମ୍ୟ ଜଙ୍ଗଲ | ଭକ୍ତରାମ ଗୋଲାରୀ ପି-ରାମଚନ୍ଦ୍ର ଗୋଲାରୀ, ଚନ୍ଦ୍ରମା ଗୋଲାରୀ |
| | ମୋଟ | ୨୨.୩୭୫ | ୬.୬୯୬ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ଶ୍ରୀ ବିଶାଲ ସିଂହ
ଜିଲ୍ଲାପାଳ, ମାଲକାନଗିରି

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 781—173+5